# Akashvani, Sambalpur

## SAMBALPURI NEWS MORNING BULLETIN

## 18 June 2026 - 6.47- 6.52 am.

---

ରାଜ୍ୟପାଲ୍- ଜଲ୍ସମ୍ପଦ୍ ବିଭାଗ୍ ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ସୌରଚାଳିତ ପମ୍ପର ବ୍ୟାପକ୍ ବେଭାର୍ ଉପ୍ରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଜୋର୍ ଦେଇଛନ୍ । ଗଲାକାଏଲ୍ ଲୋକଭବନ୍ ର ନ୍ୟୁ ଅଭିଷେକ୍ ହଲ୍ ଠାନେ ଜଲ୍ସମ୍ପଦ୍ ବିଭାଗ୍ର ବରିଷ୍ଠ ଅଧିକାରୀମାନ୍କର୍ ସାଙ୍ଗେ ବୈଠକ୍ଥି ଯୋଗ୍ ଦେଇକରି ସେ କହିଛନ୍, ସୌରଚାଲିତ୍ ଜଲ୍ସେଚନ୍ ପମ୍ପ୍ ଚାଷୀମାନ୍କର୍ ଖର୍ଚ୍ଚା କମାବାର୍ ସହେତେ କମାନିକେ ବଢ଼ାବା ଆଉ ରାଜ୍ୟର୍ ଅକ୍ଷୟଶକ୍ତି ଲକ୍ଷ୍ୟ ହାସଲ୍ଥି ସାହାଜ୍ କର୍ବା । ପି.ଏମ୍. କୁସୁମ୍ ଯୋଜ୍ନାର୍ ପ୍ରଚାର୍ ପ୍ରଚାର୍ ତୁର୍ତି କରିକରି ପାରମ୍ପରିକ୍ ପମ୍ପ୍ ବଦ୍ଲେ ସୌରଚାଲିତ୍ ପମ୍ପ୍ ବେଭାର୍ ବଢ଼ାବାର୍ ଲାଗି ରଣନୀତି ପ୍ରସ୍ତୁତ୍ କର୍ବାର୍କେ ରାଜ୍ୟପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ-ବୈଠକ୍        ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଖାରବେଲ ଭବନ୍ ନ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ସଚିବସ୍ତରୀୟ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ସୁଶାସନ୍ ଆଉ ଫଲାଫଲ୍ ଭିତିକ୍ ପ୍ରଶାସନ୍‌କେ ବର୍‌କସ୍ କର୍‌ବାର୍ ତୁର୍‌ତି ମୂଲ୍ୟାୟନ୍ ଜରିଏ ଦକ୍ଷ, ସ୍ୱଚ୍ଛ ଆଉ ଜନକୈନ୍ଦ୍ରିକ୍ ପ୍ରଶାସନ୍ ଉପ୍‌ରେ ଶ୍ରୀମତୀ ଗର୍ଗ ଜୋର୍ ଦେଇଥିଲେ । ଓଡ଼ିଶା ଜନ ଅଭିଯୋଗ୍ ଆଇନ୍‌ର କାର୍ଯ୍ୟକାରିତା ଆଉ ଗଲା ମେ ମାସର୍ ବିଭାଗୀୟ ସଫଲତା ବାବ୍‌ଦେ ଭିଲ୍ ବୈଠକ୍‌ଥି ସମୀକ୍ଷା ହେଇଥିଲା । ଆଏବା ୨୦ ତାରିଖ୍ ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀଙ୍କର୍ ରାଇରଙ୍ଗ୍‌ପୁର୍ ଗସ୍ତ ଲାଗି ଶୃଙ୍ଖଲିତ୍ ବ୍ୟବସ୍ଥାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ବୈଠକ୍‌ଥି ନିର୍ଦ୍ଦେଶ୍ ଦିଆଯାଇଛେ । ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂ, ଭିନ୍ ଭିନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ବିଭାଗୀୟ ସଚିବ ମାନେ ଉପସ୍ଥିତ୍ ଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ- ସାମ୍ବାଦିକ୍ ସମ୍ମିଳନୀ        ବର୍‌ଗଡ୍ ସମ୍ବାଦଦାତା

ରାଜ୍ୟ ସରକାରଙ୍କର ୨ ବଛର ପୂର୍ତି ଅବସରେ ଗଲାକାଏଲ ବରଗଡ଼ ଶକ୍ତିନଗର କଲ୍ୟାଣ ମଣ୍ଡପ ଠାନେ ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସାମ୍ବାଦିକ ସମ୍ମିଲନୀ କରିକରି ସରକାରଙ୍କର ସଫଲତା ଆଉ ଜିଲ୍ଲା ନ ଭିନ ଭିନ ଯୋଜନା ମାନକର କାର୍ଯ୍ୟାନ୍ୱୟନ ବାବଦେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଛନ । ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକେ ଉଦଘାଟନ କରିକରି କହିଛନ, ବରଗଡ଼ ଜିଲ୍ଲା ଶିକ୍ଷା, ସ୍ୱାସ୍ଥ୍ୟ,  କୃଷି, କଳା ଆଉ ସଂସ୍କୃତି କ୍ଷେତ୍ରଥି ପ୍ରଗତିର ରାହାଥି ଆଗକେ ବଢ଼ିଚାଲିଛେ । ଧନୁଯାତ୍ରାର ଭବ୍ୟ ଆୟୋଜନ, ସ୍ଥାୟୀ ରଙ୍ଗମହଲ ତିଆର, ବୁଣାକାରମାନକର ଲାଗି ୨୭ କୋଟିନୁ ଅଏତ୍କା ଟଙ୍କା ଖର୍ଚ୍ଚାଥି ବୁଣାକାର ହାଟ ତିଆର ସିଏମ କିଷାନ, ସୁଭଦ୍ରା, ଲକ୍ଷପତି ଦିଦି, ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ବାଗିର ଯୋଜନା ମାନକେ ଜିଲ୍ଲାର ଉଲ୍ଲେଖନୀୟ ଅଗ୍ରଗତି ବାବଦେ ମନ୍ତ୍ରୀ କହିଛନ ।

ସମ୍ବଲପୁର- ସ୍କୁଲ ଛୁଟି ଆରଏନୟୁ/ ସମ୍ବଲପୁର

ଜବର୍ ଖରାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ବିଦ୍ୟାଲୟ ଆଏଜ୍‌ଠାନୁ ଆଏବା ୨୦ ତାରିଖ୍‌ତକ୍ ବନ୍ଦ୍ ରହେବା । ରାଜ୍ୟ ସର୍‌କାର୍‌ଙ୍କର୍ ଘୋଷ୍‌ନା ଅନ୍‌ସାରେ କେତେଟା ଜାଗା ନ ଆଏଜ୍ ଖରାଛୁଟି ଉତ୍‌ରୁ ବିଦ୍ୟାଲୟ ଖୁଲୁଥିବାର୍ ବେଲେ ଜିଲ୍ଲା ନ ଛୁଟି ସମିଆକେ ୨୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇଥିର୍‌ଲାଗି ଜିଲ୍ଲାପାଲ୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ଜବର୍ ଖରା ଲାଗି ବିଦ୍ୟାଲୟମାନ୍‌କୁ ୨୦ ତାରିଖ୍‌ତକ୍ ଛୁଟି ଘୋଷ୍‌ନା କରାଯାଇଛେ ।

ଶୀତଲ୍‌ଷଷ୍ଠୀ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ଦେବଦେବ ମହାଦେବ କନ୍ୟାପକ୍ଷ ଘର୍‌କେ ବରାତି ଯିବେ ଆର୍ ବ୍ରାହ୍ମମୁହୂର୍ତ୍ତଥି ଦେବଦମ୍ପତିଙ୍କର୍ ଲୌକିକ ବିହା ହେବା । ଆଏବା କାଏଲ୍ ଅଧାରାତି ଦେବଦମ୍ପତି ନଗର୍ ପରିକ୍ରମା ଯାତ୍ରାଥି ବାହାରିକରି ୨୦ ତାରିଖ୍ ଉପର୍‌ବେଲା ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ସେଆଡ଼େ ଗଲାକାଏଲ୍ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା ଆର୍ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରୀ କମିଟି ତର୍‌ଫୁ ଶିବମନ୍ଦିର୍ ମାନ୍‌କେ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ମାହାପୁରୁ ଅଲ୍‌ଗା ଅଲ୍‌ଗା ଶୋଭାଯାତ୍ରାଥି ଯାଇକରି ଦେବବିବାହଥି ଯୋଗ୍ ଦେବାର୍ ଲାଗି ନିଉତା ଦେଇଛନ୍ ।

ବଲାଙ୍ଗିର ଶୀତଲ୍‌ଷଷ୍ଠୀ ଯାତ୍ରା ଅନୁଦାନ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍ ସହରେ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ୯ ଟା ପୂଜା କମିଟିକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍‌ଥି ସଂସ୍କୃତି ବିଭାଗ୍ ତର୍‌ଫୁ ୪ ଲାଖ୍ ଟଙ୍କା ଲେଖା ଅନୁଦାନ୍ ଘୋଷ୍‌ନା କରାଯାଇଛେ । ଗାନ୍ଧୀନଗର୍ ପଡ଼ା, ସୁଦପଡ଼ା, ରାଧାରାଣୀ ପଡ଼ା, ଏବିଏସ୍‌ଏସ୍ ରୋଡ୍, ବିବିଏସ୍‌ଏସ୍, ସାଗର୍‌ପଡ଼ା, ପେଲେସ୍ ଲାଇନ୍, କଂସାରୀପଡ଼ା ଆଉ ସ୍ୱାଧୀନ୍ ନଗର୍ କମିଟି ଲାଗି ଇ ଅନୁଦାନ୍ ବ୍ୟବସ୍ଥା କରାଯାଇଛେ ।

ଟ୍ରେନ୍ ଚଲାଚଲ୍-ସାମୟିକ୍ ପରିବର୍ତନ୍    ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ରେଲ୍ଷ୍ଟେସନ୍ ନ ଚାଲିଥିବା ସୁରକ୍ଷା ବାବଦ୍ ଆଧୁନିକୀକରଣ୍ ଆଉ ଭିତିଭୂମି ଉନ୍ନତିକରଣ୍ କାମ୍ ଲାଗି ଆଏବା ୨୦ ତାରିଖ୍ତକ୍ ପୂର୍ବତଟ ରେଲ୍ପଥ୍ କେତେଟା ଟ୍ରେନ୍ ଚଲାଚଲ୍ଥି ସାମୟିକ୍ ପରିବର୍ତନ୍ ଘୋଷ୍ନା କରିଛେ । ଯାତ୍ରୀମାନ୍କୁ ଇ ପରିବର୍ତନ୍କେ ଧ୍ୟାନ୍ଥି ରଖିକରି ଯାତ୍ରା ଯୋଜ୍ନା କର୍ବାର୍କେ ଆଉ ଜାତୀୟ ଟ୍ରେନ୍ ଅନୁସନ୍ଧାନ୍ ବ୍ୟବସ୍ଥା - ଏନ୍ଟିଇଏସ୍ କି ରେଲ୍ ଅନୁସନ୍ଧାନ୍ ସେବା ନୁ ସୂଚ୍ନା ଦେଖିବାର୍କେ ପରାମର୍ଶ ଦିଆଯାଇଛେ ।

ସଚେତନତା ରେଲି-ଶିଶୁ ଶ୍ରମିକ    ଆର୍ଏନ୍ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତର୍ଫୁ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ୍ ଲାଗି ଗୁଟେ ସଚେତନତା ରେଲି ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଶିଶୁ ଶ୍ରମିକ୍ ନିରାକରଣ୍ ରଥକେ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ସଚେତନତା ରଥ ଜରିଏ ୧୪ ବଛର୍ନୁ କମ୍ କେନ୍ସି ଛୁଆକୁ କାମ୍ଥି ନାଇଁ ଲଗାବାର୍, ୧୫ ନୁ

୧୮ ବଛର୍ ଭିତ୍‌ରେ ବିପଦ୍ ସଙ୍କୁଳ କାମ୍‌ଥି ନାଇଁ ଲଗାବାର୍ ବାଗିର୍ ପ୍ରସଙ୍ଗ ମାନ୍‌କର୍ ଉପ୍‌ରେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । କାଲ୍‌ବୈଶାଖୀର୍ ବଲେ ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍‌ାକେ ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ବଲାଙ୍ଗିର୍ ଜିଲ୍ଲା ନ ଇ ସମିଆ ଭିତ୍‌ରେ ଜବର୍ ତାତି ହେବା ବଲି ଆକଲନ୍ କରାଯାଇଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୨ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା ୨ ଦିନ୍ ତକ୍ ତାପମାତ୍ରା କମ୍‌ବା ଆଉ ଆଏବା ଶନିବାର୍ ଦିନ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।